Tel No. 0671-2308272, 2308311

# CUTTACK MUNICIPAL CORPORATION

COUDHURYBAZAR, CUTTACK-7 5 3 0 0 9, ORISSA

Ref. ୫୨୫୭ Date ୨୮.୧୦.୧୭

## ଟେଣ୍ଡର ନୋଟିସ୍

ଐତିହାସିକ କଟକ ବାଲିଯାତ୍ରା ଚଳିତ ବର୍ଷ ତା. ୦୪.୧୧.୨୦୧୭ ରିଖ ଠାରୁ ତା.୧୦.୧୧.୨୦୧୭ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବ ନିମନ୍ତେ ତା ୦୩.୧୧.୨୦୧୭ ରିଖ ତା. ୧୨.୧୧.୨୦୧୭ ରିଖ ପର୍ଯ୍ୟନ୍ତ କଟକ ମହାନଗର ନିଗମ ତରଫରୁ ସଫେଇ ଓ ପରିମଳ କାର୍ଯ୍ୟ ନିମନ୍ତେ ରେଜିଷ୍ଟ୍ରିଭୁକ୍ତ ଶ୍ରମିକ ଠିକାଦାର/ସଫେଇ କାର୍ଯ୍ୟରେ ଅଭିଜ୍ଞ ସଂସ୍ଥା ମାନଙ୍କ ଠାରୁ ଏହି କାର୍ଯ୍ୟ ପରିଚାଳନା ନମନ୍ତେ କୋଟସନ (ଜଉମୁଦ) ଅହ୍ୱାନ କରାଯାଉଅଛି। ଆବେଦନକାରୀ ମାନେ ଉପର କିମ୍ବା ତଳପଡ଼ିଆ ର ଓ ସଂଲଗ୍ନ ସ୍ଥାନର ସଫେଇ କାର୍ଯ୍ୟ ପାଇଁ ପୃଥକ୍ ପୃଥକ୍ କୋଟେସନ ଏବଂ ଦରକାରୀ କାଗଜ ପତ୍ର ଦାଖଲ କରିବେ। ଉପର ପଡ଼ିଆ ପାଇଁ (ଜଉମୁଦ) କୋଟେସନ (କ) ଓ ତଳପଡ଼ିଆ ପାଇଁ (ଜଉମୁଦ) କୋଟସନ (ଖ) ବୋଲି ଉଲ୍ଲେଖ କରିବେ। ଜଣେ ଆବେଦନକାରୀ ଯେକୌଣସି ଗୋଟିଏ କିମ୍ବା ଦୁଇଗୋଟି ପଡ଼ିଆ ନିମନ୍ତେ ଆବେଦନ କରିପାରିବେ। ଆବେଦନକରୀ କୋଟେସନ ଦାଖଲ ପୂର୍ବରୁ କାର୍ଯ୍ୟର ସବିଶେଷ ବିବରଣୀ ଓ ଶୈଳୀ ବିଷୟରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ଙ୍କ ଠାରୁ ଅବଗତ ହେବେ। ଆବେଦନକାରୀ ମାନେ ସେମାନଙ୍କ କୋଟେସନ କାଗଜ ଗୁଡ଼ିକୁ ଜଉମୁଦ କରାଇ ରେଜିଷ୍ଟ୍ରିପୋଷ୍ଟ/ସ୍ପିଡ୍ ପୋଷ୍ଟ ବା କୋରିୟର ସର୍ଭିସ ମାଧ୍ୟମରେ ମ୍ୟୁନିସିପାଲ କମିଶନର କଟକ ମହାନଗର ନିଗମ, ଚୌଧୁରୀ ବଜାର, କଟକଙ୍କୁ ଆବେଦନ କରି ପାରିବେ। ଉକ୍ତ କୋଟେସନ ଜାଗଜ ଗୁଡ଼ିକ କଟକ ମହାନଗର ନିଗମ କାର୍ଯ୍ୟାଳୟରେ ତା. ୨୮.୧୦.୨୦୧୭ ରିଖ ଅପରାହ୍ନ ୩ ଘଟିକ ସୁଦ୍ଧା ପହଂଚିବା ଦରାକାର, ଅନ୍ୟଥା ଏହା ଗ୍ରହଣ କରାଯିବ ନାହିଁ। ଇଚ୍ଛୁକ ସଂସ୍ଥାମାନେ ଏହି କାର୍ଯ୍ୟର ସୁପରିଚାଳନା ନିମନ୍ତେ, ସମସ୍ତ କାର୍ଯ୍ୟର ସର୍ତାବଳୀ ନଗର ସ୍ୱାସ୍ଥ୍ୟ ଅଧିକାରୀ, କଟକ ମହାନଗର ନିଗମ ଙ୍କ ତରଫରୁ ଅବଗତ ହୋଇପାରିବେ। ସମ୍ପୃକ୍ତ ସଂସ୍ଥା ନିମ୍ନଲିଖିତ ବିବରଣୀ ସହ ଦରଖାସ୍ତ ଦାଖଲ କରିବେ। ସଫେଇ କାର୍ଯ୍ୟ ବାଲିଯାତ୍ରା ପୂର୍ବରୁ ଏକ ଦିନ ଓ ପରେ ଦୁଇ ଦିନ (ମୋଟ୍ ୧୦ ଦିନ) କରାଯିବ। ଦରକାର ବିଶେଷରେ ସଫେଇ କରିବାର ଅବଧି ବୃଦ୍ଧି କରାଯାଇପାରେ ଏବଂ ପ୍ରତ୍ୟେକ ବୃଦ୍ଧି ଦିନପାଇଁ ଧାର୍ଯ୍ୟ ମୂଲ୍ୟର ୧୦ ପତିଶତ ପ୍ରଦାନ କରାଯିବ। ଆବେଦନକାରୀ କୋଟେସନ ଦାତା ଅଥବା ସେମାନଙ୍କର କ୍ଷମତତାପ୍ରାପ୍ତ ଅଧିକାରୀ ମାନେ ତା. ରିଖ ଅପରାହ୍ନ ୪ ଘଟିକା ସମୟରେ କଟକ ମହାନଗର ନିଗମ କମିଶନରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି କୋଟେସନ ଖୋଲିବା ଓ ସମାପନ କାର୍ଯ୍ୟରେ ସହଯୋଗ କରିବେ। ପ୍ରକାଶ ଥାଉକି ମୁନିସିପାଲ କମିଶନର, କଟକ ମହାନଗର ନିଗମ କୌଣସି କାରଣ ନଦର୍ଶାଇ ଟେଣ୍ଡରକୁ ବାତିଲ କରିପାରିବେ।

କୋଟେସନ ସହିତ ନିମ୍ନଲିଖିତ :

୧) ଜି.ଏସ୍.ଟି ସାଟିଫିକେଟ।

୨) ଲେବର ଲାଇସେନସ୍।

୩) ପ୍ୟାନ (ଚଇଘ) ନମ୍ବର।

୪) ଏପରି କାର୍ଯ୍ୟର ପୂର୍ବ ଅଭିଜ୍ଞତା ପ୍ରମାଣପତ୍ର।

୫) ଦରଖାସ୍ତ କରାଯାଉଥିବା ସ୍ଥାନ (ଉପର ପଡ଼ିଆ/ତଳପଡ଼ିଆ ଏବଂ ତତ୍ ସଂଲଗ୍ନ ସ୍ଥାନ)।

୬) ପ୍ରତ୍ୟେହ ଦୁଇବେଳା ସଫେଇ ପାଇଁ ଝାଡୁଦାର ସଂଖ୍ୟା।

୭) ମୋଟ ୧୦ ଦିନ ସଫେଇ ପାଇଁ ଟଙ୍କା ପରିମାଣ : (ଉଭୟ ଅକ୍ଷର ଓ ଅଙ୍କରେ)।

୮) ଟେଣ୍ଡର ପେପର ମୂଲ୍ୟ ଟ. ୬୦୦/- (ଛଅ ଶହ ଟଙ୍କା) + ଜି.ଏସ୍.ଟି ୫% (ଅଣଫେରସ୍ତ) ବ୍ୟାଙ୍କ ଡ୍ରାଫ୍ଟ ମ୍ୟୁନିସିପାଲ କମିଶନର, କଟକ ମ୍ୟୁନିସିପାଲ କର୍ପୋରେସନ ଙ୍କ ନାମରେ କରିବେ।

୯) ଆମନତ ରାଶି ବାଦକକୁ – ଟ. ୨୦୦୦/- (ଦୁଇହଜାର ଟଙ୍କା) ର ବ୍ୟାଙ୍କ ଡ୍ରାଫ୍ଟ ମ୍ୟୁନିସିପାଲ କମିଶନର, କଟକ ମ୍ୟୁନିସିପାଲ କର୍ପୋରେସନ ଙ୍କ ନାମରେ (କୌଣସି ଜାତୀୟ କରଣ ବ୍ୟାଙ୍କରୁ) ଦାଖଲ କରିବେ।

**କାର୍ଯ୍ୟର ବିବରଣୀ :**

(କ) ଉପର ପଡ଼ିଆ : ସମଗ୍ର ଉପର ପଡ଼ିଆ, ବାରବାଟୀ ଷ୍ଟାଡ଼ିୟମ ସମ୍ମୁଖ ରାସ୍ତା, ରିକ୍ୟୁଟ୍‌ମେଂଟ୍ ଅଫିସ ରାସ୍ତା, କ୍ୟାଂଟେନ୍‌ମେଂଟ୍ ରାସ୍ତା, ବାରବାଟୀ ଦୁର୍ଗ ରାସ୍ତା, ଇଣ୍ଡୋର ଷ୍ଟାଡ଼ିୟମ ରାସ୍ତା, ଗଡ଼ଗଡ଼ିଆ ମନ୍ଦିର ପାର୍ଶ୍ୱ ରାସ୍ତା, ଇତ୍ୟାଦି ।

(ଖ) ତଳ ପଡ଼ିଆ : ସମଗ୍ର ତଳ ପଡ଼ିଆ ଓ କ୍ୟାଂଟେନ୍‌ମେଂଟ୍ ଥାନା ଠାରୁ ମାତା ମଠ ଛକ ପର୍ଯ୍ୟନ୍ତ ରାସ୍ତା, ମୁଣ୍ଡାସାହି ରାସ୍ତା, ନଦୀ କୂଳ ଓ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ପାର୍କିଂ ପ୍ଲେସ ଇତ୍ୟାଦି ।

କମିଶନର,
କଟକ ମହାନଗର ନିଗମ

ଜ୍ଞାପକ ସଂଖ୍ୟା : ୬୨୬୮ ତା. ୧୮.୧୦.୧୭

ଏହାର ଏକକିତା ନକଲ ଜିଲ୍ଲାପାଳ, କଟକ/ପୌର ଯନ୍ତ୍ରୀ/ନଗର ସ୍ୱାସ୍ଥ୍ୟ ଅଧିକାରୀ, କଟକ ମହାନଗର ନିଗମଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ରେ ବ୍ୟାପକ ପ୍ରଚାର ନିମେନ୍ତେ ସଂଲଗ୍ନ କରାଗଲା ।

କମିଶନର
କଟକ ମହାନଗର ନିଗମ

ଜ୍ଞାପକ ସଂଖ୍ୟା : ୬୨୬୯ ତା. ୧୮.୧୦.୧୭

ଏହାର ଏକକିତା ବିତ ଅଧିକାରୀ/ହିସାବ ରକ୍ଷକ/ସମୀକ୍ଷକ ବିଭାଗ/ବିଜ୍ଞାପନ ବିଭାଗ/ଏମ୍.ଆଇ.ଏସ୍ କଟକ ମହାନଗର ନିଗମ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

କମିଶନର
କଟକ ମହାନଗର ନିଗମ